# REGIONAL NEWS UNIT, AIR CUTTACK

## Midday Bulletin (2.32PM)

**27 May - 2026**

**************************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଶିଳ୍ପାୟନ ବୃଦ୍ଧି ଓ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ

– ପାରାଦ୍ୱୀପଠାରେ ୬୫ ହଜାର କୋଟି ଟଙ୍କାର ଅତ୍ୟାଧୁନିକ ନୂତନ ସମନ୍ୱିତ ଇସ୍ପାତ କାରଖାନାର କଲେ ଶିଳାନ୍ୟାସ

- ବୃଦ୍ଧି ପାଉଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସତର୍କତା ଅବଲମ୍ବନ କରିବାକୁ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

- ଓଡ଼ିଶାର ଖାଲି ଥିବା ଗୋଟିଏ ରାଜ୍ୟସଭା ଆସନ ପାଇଁ ଆସନ୍ତା ମାସ ୧୮ ତାରିଖରେ ହେବ ଉପନିର୍ବାଚନ

ଏବଂ

- ଚଳିତ ଶିକ୍ଷା ବର୍ଷ ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ଆଜିଠାରୁ ଆରମ୍ଭ ହେଉଛି ଆବେଦନ ପ୍ରକ୍ରିୟା

# ମୁଖ୍ୟମନ୍ତ୍ରୀ– ଶିଳାନ୍ୟାସ

ରାଜ୍ୟରେ ଶିଳ୍ପାୟନ ବୃଦ୍ଧି ଓ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଜଗତସିଂହପୁର ଜିଲ୍ଲାର ପାରାଦ୍ୱୀପଠାରେ ଆଜି ୬୫ ହଜାର କୋଟି ଟଙ୍କାର ଅତ୍ୟାଧୁନିକ ନୂତନ ସମନ୍ୱିତ ଇସ୍ପାତ କାରଖାନାର ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବ ଭାରତରେ ପାରାଦ୍ୱୀପ ବିକାଶର ମଙ୍ଗ ଧରିବ। ଏହି ପ୍ରକଳ୍ପ ଓଡ଼ିଶାକୁ ଭାରତର ଇସ୍ପାତ ରାଜଧାନୀ ଭାବେ ଗଢ଼ି ତୋଳିବା ସହିତ ପାରାଦ୍ୱୀପକୁ ବିକଶିତ ଓଡ଼ିଶାର କେନ୍ଦ୍ରସ୍ଥଳୀଭାବେ ପରିଚିତ କରାଇବ। ଏହି କାରଖାନାର ଶୁଭାରମ୍ଭ ପରେ ୩୦ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଦ୍ୱିତୀୟ ପର୍ଯ୍ୟାୟରେ ଉତ୍ପାଦନ କ୍ଷମତାକୁ ଆହୁରି ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯିବା ସହିତ ୬୦ ହଜାର କୋଟିର ପୁଞ୍ଜିନିବେଶ କରାଯିବ। ଏହା ଫଳରେ ସ୍ଥାନୀୟ ଅଞ୍ଚଳର ଉନ୍ନତି ସହିତ ଆନୁଷଙ୍ଗିକ ଶିଳ୍ପର ବିକାଶ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ କହିଛନ୍ତି, ସରକାରଙ୍କ ନେତୃତ୍ୱରେ ଦ୍ରୁତ ଶିଳ୍ପାୟନ ମାଧ୍ୟମରେ ପୂର୍ବୋଦୟ ସ୍ୱପ୍ନକୁ ବାସ୍ତବର ରୂପ ମିଳୁଛି। ନବୀକରଣୀୟ ଶକ୍ତି, ଫାର୍ମା ଓ ପେଟ୍ରୋକେମିକାଲ୍ସ

ଆଦି ବିଭିନ୍ନ କ୍ଷେତ୍ରରେ ରାଜ୍ୟର ନିବେଶ ବୃଦ୍ଧି ପାଇବାରେ ଲାଗିଛି। ୨୦୩୦ ମସିହା ଭାରତ ୩୦୦ ମେଟ୍ରିକ ଟନ୍‌ର ଇସ୍ପାତ ଉତ୍ପାଦନ ଲକ୍ଷ୍ୟରେ ଓଡ଼ିଶା ୫୦ ପ୍ରତିଶତ ଯୋଗଦାନକୁ ପୂରଣ କରିବା ଦିଗରେ କାର୍ଯ୍ୟ କରୁଛି। ଶିଳ୍ପାୟନ ଅନୁକୂଳ ପରିବେଶ ସୃଷ୍ଟି ପାଇଁ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। କାରଖାନାରୁ ବାର୍ଷିକ ୧୩ ଦଶମିକ ୨ ମିଲିୟନ ଟନ୍‌ର ଇସ୍ପାତ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି।

Desk

# ପିଏମ୍-ହିଟ୍‌ୱେଭ୍

ଦେଶରେ ବୃଦ୍ଧିପାଉଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଯଥାସମ୍ଭବ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ' ରୌଦ୍ରତାପରୁ ସୁରକ୍ଷିତ ରହିବା ପାଇଁ ଘରୁ ବାହାରିବା ସମୟରେ ଆନୁସଙ୍ଗିକ ସାମଗ୍ରୀକୁ ପାଖରେ ରଖିବା ପାଇଁ କହିଛନ୍ତି। ଛାତ, ବାଲ୍‌କୋନି, ବ୍ୟବସାୟ ପ୍ରତିଷ୍ଠାନ ଏବଂ କାର୍ଯ୍ୟାଳୟ ବାହାରେ ପଶୁପକ୍ଷୀଙ୍କ ପାଇଁ ପାଣି ଭର୍ତ୍ତି ପାତ୍ର ରଖିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି । ଏହି କଷ୍ଟକର ସମୟରେ ସଂପୂର୍ଣ୍ଣ ସମ୍ବେଦନଶୀଳତା ଏବଂ କରୁଣାର ସହିତ ପରସ୍ପରର ଯତ୍ନ ନେବାକୁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ନିବେଦନ କରିଛନ୍ତି ।

Desk

## ଏସଆଇଆର୍

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆଇନ ଅନୁଯାୟୀ ବୈଧ ବୋଲି ସୁପ୍ରମିକୋର୍ଟ କହିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ଆବେଦନ ଉପରେ ରାୟ ପ୍ରକାଶ କରି କହିଛନ୍ତି, ଆଇନ ଅନୁଯାୟୀ ଭାରତୀୟ ନିର୍ବାଚନ କମିଶନ ଏହି ପଦକ୍ଷେପ ଗ୍ରହଣ କରିପାରିବେ । ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ସଂକ୍ରାନ୍ତ ସାମ୍ବିଧାନିକ ଦୃଷ୍ଟିକୋଣକୁ ଏଭଳି ପଦକ୍ଷେପ ପ୍ରତିପାଦନ କରୁଛି ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି । ଜନପ୍ରତିନିଧିତ୍ୱ ଆଇନ ୧୯୫୦ର ଧାରା ୩୨୪ ଅନୁଯାୟୀ, ନିର୍ବାଚନ କମିଶନ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଜାରି କରିବା ନେଇ କ୍ଷମତାପ୍ରାପ୍ତ ।

ଗତବର୍ଷ ଜୁନ୍ ମାସରେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସଂକ୍ରାନ୍ତ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତିକୁ ବିରୋଧ କରି ସୁପ୍ରିମକୋର୍ଟରେ ଏହି ମାମଲା ଦାୟର କରାଯାଇଥିଲା ।

Desk

## ରାଜ୍ୟସଭା ଉପନିର୍ବାଚନ

ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଓଡ଼ିଶାରେ ରାଜ୍ୟସଭା ଉପନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ମାସ

ପହିଲାରୁ ଖାଲି ହୋଇଥିବା ଗୋଟିଏ ଆସନ ପାଇଁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବ। ୮ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନିଜର ନାମାଙ୍କନ ଦାଖଲ କରିପାରିବେ। ୯ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବା ସହିତ ୧୧ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ଧାର୍ଯ୍ୟ କରାଯାଇଛି। ଆସନ୍ତା ମାସ ୧୮ ତାରିଖ ସକାଳ ୯ଟାରୁ ଅପରାହ୍ନ ୪ଟା ମଧ୍ୟରେ ଭୋଟ୍‌ଗ୍ରହଣ କରାଯିବ। ଅପରାହ୍ନ ୫ଟାରେ ଭୋଟଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ ବୋଲି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଦେବାଶିଷ ସାମନ୍ତରାୟଙ୍କ ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେବା ପରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି।

Desk

# ସ୍ନାତକ ପାଠ୍ୟକ୍ରମ

୨୦୨୬-୨୭ ଶିକ୍ଷାବର୍ଷ ପାଇଁ ସ୍ନାତକ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆଜି ଅପରାହ୍ନ ୪ଟାରୁ ଏକକ ଆବେଦନ ଫର୍ମ ସାମ୍‌ସ ପୋର୍ଟାଲରେ ଉପଲବ୍ଧ ହେବ। ଜୁନ୍ ୧୦ ତାରିଖ ପର୍ଯ୍ୟନ୍ତ ଆବେଦନର ସମୟସୀମା ଧାର୍ଯ୍ୟ ହୋଇଛି । ଆସନ୍ତାମାସ ୧୭ ତାରିଖରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ । ଚଳିତଥର ନାମଲେଖା ପ୍ରକ୍ରିୟା ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ କରାଯିବ । ଜୁଲାଇ ମାସ ୯ ତାରିଖ ସୁଦ୍ଧା ସ୍ନାତକ ପାଠପଢ଼ା ଆରମ୍ଭ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଉଚ୍ଚଶିକ୍ଷା ବିଭାଗ କହିଛି ।

Desk

## ବିଧାୟକ ପ୍ରଦର୍ଶନ

ରାଜ୍ୟରେ ବିଧାୟକଙ୍କ ସର୍ବୋତ୍ତମ ପ୍ରଦର୍ଶନର ଫଳାଫଳ ଖୁବ୍‌ଶୀଘ୍ର ପ୍ରକାଶ ପାଇବ। ୧୦ ବର୍ଷଧରି ବନ୍ଦ ରହିଥିବା ଏହି ପ୍ରକ୍ରିୟାକୁ ବିଧାନସଭା ପକ୍ଷରୁ ପୁନର୍ବାର ଲାଗୁ କରାଯାଇଛି। ବାଚସ୍ପତି ସୁରମା ପାଢ଼ିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏଥିରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ବିଧାୟକ ଜୟନାରାୟଣ ମିଶ୍ର, ଭାସ୍କର ମଢ଼େଇ, ପୂର୍ବତନ ବିଧାୟକ ଅରବିନ୍ଦ ଢାଲି, ଅମର ପ୍ରସାଦ ଶତପଥୀ ଓ ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ ସଦସ୍ୟ ରହିଛନ୍ତି। ପ୍ରତି ବର୍ଷ ଗୃହରେ ବିଧାୟକଙ୍କ ଉତ୍ତମ ପ୍ରଦର୍ଶନ, ଉପସ୍ଥାନ, ଗଠନମୂଳକ ପ୍ରସ୍ତାବ ଆଦିକୁ ମାନଦଣ୍ଡଭାବେ ବିଚାରକୁ ନେଇ ଏହି ଫଳାଫଳ ଘୋଷଣା କରାଯାଇଥାଏ। ୨୦୦୨ ମସିହାରୁ ଚାଲିଥିବା ଏହି ପ୍ରକ୍ରିୟା ୨୦୧୬ ମସିହା ପରଠାରୁ ବନ୍ଦ ରହିଥିଲା।

Desk

## ବସ୍ ଭଡ଼ା

ପଶ୍ଚିମ ଏସିଆ ପରିସ୍ଥିତି ମଧ୍ୟରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇବାରେ ଲାଗିଛି। ଧାର୍ଯ୍ୟଦରଠାରୁ ଅଧିକ ବସ୍ ଭଡ଼ା ଆଦାୟ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ଯାତ୍ରୀମାନେ ଅଧିକ ଭଡ଼ା ନ ଦେଇ ଧାର୍ଯ୍ୟ ଭଡ଼ା ଦେଇ ଯାତ୍ରା କରିବାକୁ ମନ୍ତ୍ରୀ ଶ୍ରୀ ଜେନା ଅନୁରୋଧ କରିଛନ୍ତି।

Nabarangpur/Desk

## ଅଗ୍ନିପଥ- ପରୀକ୍ଷା

ଭାରତୀୟ ସେନାରେ ଅଗ୍ନିପଥ ଓ ନିୟମିତ କ୍ୟାଡର ପାଇଁ ଅନ୍‌ଲାଇନ୍ ପ୍ରବେଶିକା ପରୀକ୍ଷା ଆସନ୍ତାମାସ ପହିଲାରୁ ଆରମ୍ଭ ହେବ । ଜୁନ୍ ୧୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ କୋଲକାତାର ନିଯୁକ୍ତି ଜୋନ୍ ଅଧୀନରେ ଓଡ଼ିଶା, ସିକିମ୍, ଓ ପଶ୍ଚିମବଙ୍ଗରେ ଏହି ପରୀକ୍ଷା ଅନୁଷ୍ଠିତ ହେବ । ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଅନଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ। www.joinindianarmy.nic.in ୱେବସାଇଟ୍‌ରେ ପ୍ରବେଶ ପତ୍ର ପାଇପାରିବେ। ରାଜ୍ୟର ୧୭ଟି ସହରର ୨୬ଟି କେନ୍ଦ୍ରରେ ପରୀକ୍ଷା ହେବା ନେଇ କଟକ ସେନା ନିଯୁକ୍ତି କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

Gajapati/Boudh/BHK

## ଏସ୍.ଆଇ.ଆର୍.

ଭଦ୍ରକ ଜିଲ୍ଲା ତିହିଡ଼ି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ–ଏସ୍.ଆଇ.ଆର୍ ସମ୍ପର୍କିତ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଭୋଟର ତାଲିକାରେ ନାମ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଓ ସ୍ୱଚ୍ଛତା ଉପରେ ଆଲୋଚନା କରିଛନ୍ତି।

ବୌଦ୍ଧ ଜିଲ୍ଲା କଣ୍ଟାମାଳଠାରେ ଦୁଇଦିନିଆ ଏସ୍.ଆଇ.ଆର୍. ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୧୫ ଜଣ ବ୍ଲକସ୍ତରୀୟ

ଅଧିକାରୀ ଓ ୪୨ ଜଣ ପର୍ଯ୍ୟବେକ୍ଷକଙ୍କୁ ଭୋଟର ତାଲିକା ସମ୍ପର୍କିତ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି ।

ଗଜପତି ଜିଲ୍ଲା ଗୋସାଣୀ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବ୍ଲକ ଉନ୍ନୟନ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଘରୋଇ ସଂଶୋଧନ, ଆବେଦନ ଫର୍ମପୂରଣ, ନୂତନ ମତଦାତାଙ୍କ ନାମ ସଂଯୋଜନ, ସମୟସୀମା ଓ ବିଚାରବିମର୍ଶ ପ୍ରକ୍ରିୟା ଉପରେ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ।

Rayagada

## ଯୋଗାସନ ଚାମ୍ପିଅନସିପ୍

ରାୟଗଡ଼ା ଇଣ୍ଡୋର ଷ୍ଟାଡିୟମ୍‌ଠାରେ ସପ୍ତମ ରାଜ୍ୟ ଯୋଗାସନ ଚାମ୍ପିଅନସିପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଛନ୍ତି । ପ୍ରତିଯୋଗିତାରେ ୨୦ଟି ଜିଲ୍ଲାରୁ ୩୦୦ ପ୍ରତିଯୋଗୀ ୬ଟି ବୟସ ବର୍ଗରେ ୧୨ଟି ଶ୍ରେଣୀରେ ଅଂଶଗ୍ରହଣ କରିଥିଲେ । ପୁରୀ ଜିଲ୍ଲା ଚାମ୍ପିଅନ ହୋଇଥିବା ବେଳେ କେନ୍ଦ୍ରାପଡ଼ା ପ୍ରଥମ ରନର୍ସ ଅପ୍ ଓ ରାୟଗଡ଼ା ଦ୍ୱିତୀୟ ରନର୍ସ ଅପ୍ ହୋଇଛି ।

Boudh

## ଘଡ଼ିଆଳ ଶାବକ

ବୌଦ୍ଧ ଜିଲ୍ଲା କୁସଙ୍ଗ ରେଞ୍ଜ ଅନ୍ତର୍ଗତ ସାତକୋଶିଆ ଗଣ୍ଡରେ ୧୯ଟି ଘଡ଼ିଆଳ ଶାବକ ଜନ୍ମ ନେଇଛନ୍ତି। ସମସ୍ତ ଶିଶୁ ଶାବକ ସୁସ୍ଥ ରହିଥିବା ନେଇ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ମହାନଦୀ ବନାଞ୍ଚଳରେ ଘଡ଼ିଆଳ ବଂଶବୃଦ୍ଧି ପାଇଁ ୩୫ ଗୋଟି ମାଇ ଓ ଅଣ୍ଡିରା ଘଡ଼ିଆଳ ଛଡ଼ାଯାଇଥିଲା।

Desk

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ଲହରି ଜାରି ରହିଛି । ଆସନ୍ତା ୨ ଦିନ ପର୍ଯ୍ୟନ୍ତ ପାଗ ପରିବର୍ତ୍ତନର ସମ୍ଭବନା ନ ଥିବା ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ରାଜ୍ୟରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗରମ ଓ ଗୁଳୁଗୁଳି ବୃଦ୍ଧି ପାଇବା ନେଇ ସତର୍କ ସୂଚନା ଜାରି କରାଯାଇଛି । ମଧ୍ୟାହ୍ନ ୧୨ଟା ସୁଦ୍ଧା ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ଠାରେ ସର୍ବୋଚ୍ଚ ତାପମାତ୍ରା ୪୪ ଦଶମିକ ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।